# ଭାରତୀୟ ଜନତା ପାର୍ଟି, ଓଡିଶା

## ଜାନୁଆରୀ ୧୮ରେ ଓଡିଶା ଆସୁଛନ୍ତି
## ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅମିତ ଶାହା :ଅରୁଣ ସିଂ

- ରାଜ୍ୟରେ ଥିବା ବିଭିନ୍ନ ଶକ୍ତି କେନ୍ଦ୍ରଗୁଡିକରେ ଯୋଗ ଦେବେ
- ବୁଥ୍ ସ୍ତରୀୟ କାର୍ଯ୍ୟକର୍ତାମାନଙ୍କ ସହ ଆଗାମୀ ନିର୍ବାଚନ ରଣନୀତି ସଂର୍ପକରେ ଆଲୋଚନା କରିବେ ଶାହା
- ପ୍ରଧାନମନ୍ତ୍ରୀ ପଚାରିଥିବା ପ୍ରଶ୍ନର ଉତର ଏପର୍ଯ୍ୟନ୍ତ ଦେଇପାରିଲେ ନାହିଁ ମୁଖ୍ୟମନ୍ତ୍ରୀ
- ସମସ୍ୟା ସମାଧାନ ନକରି ବିକ୍ଷୋଭ କରିବା ନବୀନଙ୍କର ନୀତିଗତ ଅଭ୍ୟାସ
- ବିଜେଡି କାହିଁକି ଚାଷୀଙ୍କ ସମସ୍ୟା ଦୂର କରିପାରିଲେ ନାହିଁ ?

**ଭୁବନେଶ୍ୱର,ତା,୦୩/୦୧ :** ରାଜ୍ୟ ବିଜେପି ମିଶନ ୧୨୦+ ଲକ୍ଷ୍ୟରେ ଆଗେଇ ଚାଲିଛି । ପୂର୍ବ ଭାରତର ବିକାଶ ତଥା ନୂଆ ଓଡିଶା ଗଠନ ପାଇଁ ବିଜେପି ପ୍ରାଧାନ୍ୟ ଦେଇ ଆସୁଛି । ତୃଣମୂଳ ସ୍ତରରୁ ଆରମ୍ଭ କରି ସର୍ବୋଚ୍ଚ ନେତୃତ୍ୱ ପର୍ଯ୍ୟନ୍ତ ସମସ୍ତେ ଏକ ହୋଇ ଓଡିଶାର ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗତ ୪ ବର୍ଷ ମଧ୍ୟରେ ରାଜ୍ୟର ବିକାଶ ପାଇଁ ହଜାର ହଜାର କୋଟି ଅନୁଦାନ ଦେଇଛନ୍ତି ଯାହାକି କେବେ ଓଡିଶାକୁ କୌଣସି କେନ୍ଦ୍ର ସରକାର କେବେ ଦେଇନଥିଲେ । ରାଜ୍ୟର ଦୁର୍ନୀତି ଓ ଭ୍ରଷ୍ଟ ସରକାରର ଶାସନରେ ଅତିଷ୍ଠ ହୋଇ ରାଜ୍ୟବାସୀ ଶାସକ ବିଜେଡିର ମୂଳପ୍ତାଟନ କରିବାକୁ ମନବଳାଇ ସାରିଲେଣି । ଅନ୍ୟପଟେ ରାଜ୍ୟକୁ ବିକାଶ ପଥରେ ନେବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅହରହ ଉଦ୍ୟମ ଜାରି ରଖିଛନ୍ତି ବୋଲି ରାଷ୍ଟ୍ରୀୟ ସାଧାରଣ ସଂପାଦକ ତଥା ରାଜ୍ୟ ପ୍ରଭାରୀ ଶ୍ରୀ ଅରୁଣ ସିଂ କହିଛନ୍ତି ।

ଶ୍ରୀ ସିଂ କହିଛନ୍ତି ଯେ, ରାଜ୍ୟରେ ପିସି କାରବାର, ନିଯୁକ୍ତି ସୃଷ୍ଟି ନକରିବା, କେନ୍ଦ୍ର ଯୋଜନାକୁ ଲାଗୁ ନକରିବା ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ପଚାରିଥିବା ପ୍ରଶ୍ନର ଉତର ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଦେଇପାରିଲେ ନାହିଁ । ନବୀନ ସରକାର ଯେହେତୁ ରାଜ୍ୟର ବିକାଶ କିଛି କରିନାହାଁନ୍ତି ସେଥିପାଇଁ ସେ ଚୁପ୍ ରହିଛନ୍ତି ।

ଆସନ୍ତା ୫ ତାରିଖରେ ବାରିପଦା ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବିଭିନ୍ନ ପ୍ରକଳ୍ପର ଲୋକାପର୍ଣ କରିବେ । ମୋଦୀଙ୍କ ଗସ୍ତ ପରେ ଜାନୁଆରୀ ୧୮ ତାରିଖରେ ରାଷ୍ଟୀୟ ଅଧ୍ୟକ୍ଷ ଶ୍ରୀ ଅମିତ ଶାହା ଓଡିଶା ଆସିବେ । ରାଜ୍ୟରେ ଥିବା ବିଭିନ୍ନ ଶକ୍ତି କେନ୍ଦ୍ରଗୁଡିକରେ ଯୋଗ ଦେବା ସହ ବୁଥ୍ ସ୍ତରୀୟ କାର୍ଯ୍ୟକର୍ତାମାନଙ୍କ ସହ ଆଗାମୀ ନିର୍ବାଚନ ରଣନୀତି ସଂର୍ପକରେ ଆଲୋଚନା କରିବେ ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି ।

ସାମ୍ବାଦିକଙ୍କ ପ୍ରଶ୍ନର ଉତର ଦେବାକୁ ଯାଇ ଶ୍ରୀ ସିଂ କହିଛନ୍ତି ଯେ, ୮ତାରିଖରେ ବିଜେଡି ଚାଷୀ ସମସ୍ୟାକୁ ନେଇ ସଂସଦ ଘେରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ସମସ୍ୟା ସମାଧାନ ନକରି ବିକ୍ଷୋଭ କରିବା ନବୀନଙ୍କର ନୀତିଗତ ଅଭ୍ୟାସ, ନିଜର ଅପାରଗତାକୁ ଲଚାଇବାକୁ ଯାଇ ସେ ବାହାନା ଖୋଜୁଛନ୍ତି । ୧୯ ବର୍ଷ ଶାସନ କରୁଥିବା ଶାସକ ବିଜେଡି କାହିଁକି ଚାଷୀଙ୍କ ସମସ୍ୟା ଦୂର କରିପାରିଲେ ନାହିଁ ବୋଲି ଶ୍ରୀ ସିଂ ପ୍ରଶ୍ନ କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**